OFFICE OF THE COLLECTOR & DISTRICT MAGISTRATE, DHENKANAL
(I & P.R SECTION)

e-mail Id-dkl.dipro@gmail.com
Tel. No. - (06762) 224414

No. 683 / Dt. 13/7/2018

# ଢେଙ୍କାନାଳ ଜିଲ୍ଲାରେ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ଚଳିତ ବର୍ଷ ୧୪୮୮.୦୬ ଲକ୍ଷ ଟଙ୍କା ବିନିଯୋଗ କରାଯିବ : ଅଧ୍ୟକ୍ଷ, ଜିଲ୍ଲା ଯୋଜନା କମିଟି ଶ୍ରୀ ପ୍ରମୋଦ କୁମାର ସାମଲ ।

— x —

ଢେଙ୍କାନାଳ, ତା ୧୩/୭/୨୦୧୮ ରିଖ :- ଢେଙ୍କାନାଳ ଜିଲ୍ଲା ଯୋଜନା କମିଟି ବୈଠକ ଅଧ୍ୟକ୍ଷ ଶ୍ରୀ ପ୍ରମୋଦ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସଦ୍ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଛି ।

ବୈଠକ ପ୍ରାରମ୍ଭରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ଜିଲ୍ଲା ଯୋଜନା କମିଟିର ସଦସ୍ୟ ସଚିବ ତଥା ଜିଲ୍ଲାପାଳ ଶ୍ରୀ ନିଖିଲ ପବନ କଲ୍ୟାଣ ବୈଠକ ସଂପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅଧ୍ୟକ୍ଷ ଶ୍ରୀ ସାମଲ ୨୦୧୮-୧୯ ଆର୍ଥିକ ବର୍ଷରେ ୧୪୮୮.୦୬ ଲକ୍ଷ ଟଙ୍କାର ସଡ଼କ, ବିଜୁଳି ଓ ପାଣି ପାଇଁ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ପ୍ରକଳ୍ପଗୁଡ଼ିକ ସମସ୍ତ ବ୍ଲକରେ କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ଦେଇଥିଲେ । ସେଥିମଧ୍ୟରୁ ଭୁବନ ବ୍ଲକରେ ୧୨୬.୪୩ ଲକ୍ଷ, ଢେଙ୍କାନାଳ ସଦରରେ ୧୯୩.୦୩ ଲକ୍ଷ, ଗଣ୍ଡିଆ ବ୍ଲକରେ ୧୯୩.୧୨ ଲକ୍ଷ, ହିନ୍ଦୋଳ ବ୍ଲକରେ ୨୪୪.୮୪ ଲକ୍ଷ, କାମାକ୍ଷାନଗର ବ୍ଲକରେ ୧୬୩.୦୨ ଲକ୍ଷ, କଙ୍କଡ଼ାହାଡ଼ ବ୍ଲକରେ ୨୦୬.୩୩ ଲକ୍ଷ, ଓଡ଼ାପଡ଼ା ବ୍ଲକରେ ୧୨୪.୬୨ ଲକ୍ଷ ଓ ପରଜଙ୍ଗ ବ୍ଲକରେ ୧୮୬.୮୮ ଲକ୍ଷ ଅନୁମୋଦନ ହୋଇଛି । ଅଧ୍ୟକ୍ଷ ଶ୍ରୀ ସାମଲ ୨୦୧୪-୧୫ ଆର୍ଥିକ ବର୍ଷରୁ ୨୦୧୭-୧୮ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୫୮ କୋଟିରୁ ୩୭ କୋଟି କାମ ହୋଇପାରିଥିବାବେଳେ ଅବଶିଷ୍ଟ କାମକୁ ଅଗ୍ରାଧିକାର ଭିତ୍ତିରେ ଶେଷ କରି ୟୁ.ସି. ଦେବାକୁ ସଂପୃକ୍ତ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯେଉଁ ବ୍ଲକଗୁଡ଼ିକ କାମ ନ କରିପାରିବେ କାରଣ ଦର୍ଶାଅ ନୋଟିସ ମାଧ୍ୟମରେ ସେଗୁଡ଼ିକୁ କରିବାପାଇଁ ଶ୍ରୀ ସାମଲ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ ।

ବୈଠକରେ ଜିଲ୍ଲା ବାର୍ଷିକ ପରିକଳ୍ପନା ଯୋଜନା ପୁସ୍ତିକାକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଶାନ୍ତି ନାୟକ, ଜିଲ୍ଲା ଯୋଜନା କମିଟି ଉପାଧ୍ୟକ୍ଷ

ଓ ସଦର ବିଧାୟକ ଶ୍ରୀ ସନ୍ତୋଷ କୁମାର ସାମଲ, ହିନ୍ଦୋଳ ବିଧାୟିକା ଶ୍ରୀମତୀ ସୀମାରାଣୀ ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶ୍ରୀ କୋଦଣ୍ଡଧର ସାହୁ, ଜିଲ୍ଲାପାଳ ଶ୍ରୀ କଲ୍ୟାଣ ପ୍ରମୁଖଙ୍କ କରକମଳରେ ଶୁଭ ଉନ୍ମୋଚନ କରାଯାଇଥିଲା ।

୨୦୦୪-୦୫ ଆର୍ଥିକ ବର୍ଷରୁ ଗୋପବନ୍ଧୁ ଗ୍ରାମୀଣ ଯୋଜନା ଢେଙ୍କାନାଳ ଜିଲ୍ଲାରେ ଆରମ୍ଭ କରାଯାଇଥିଲା । ଜିଲ୍ଲାର ବିଦ୍ୟୁତ, ସଡ଼କ ଓ ପାଣିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି । ଗ୍ରାମସଭା ମାଧ୍ୟମରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଯୋଜନାରେ ଏହାସବୁ ପ୍ରକଳ୍ପ କାର୍ଯ୍ୟ ଚୂଡ଼ାନ୍ତ କରିବା ପାଇଁ ବୈଠକରେ ଉପସ୍ଥିତ ସମସ୍ତ ସଭ୍ୟସଭ୍ୟା ପରାମର୍ଶ ଦେଇଥିଲେ । ବିଡ଼ିଓ ମାନେ ପଲ୍ଲୀସଭା ଠିକ୍ ଭାବେ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । କାମ ଶେଷ ହେବାପରେ ତୁରନ୍ତ କାର୍ଯ୍ୟକାରୀ ସଂସ୍ଥା ଉପଯୋଗ ପ୍ରମାଣପତ୍ର ଜିଲ୍ଲା ଯୋଜନା ବୋର୍ଡରେ ଦାଖଲ କରିବାକୁ କୁହାଯାଇଥିଲା । ୨୦୧୫-୧୬ ଆର୍ଥିକ ବର୍ଷରେ ଜିଲ୍ଲାର ଭୁବନ ଓ କାମାକ୍ଷାନଗର ବ୍ଲକ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ସଫଳତା ସହ ପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟକାରୀ କରିଥିଲେ । ଅନ୍ୟ ବ୍ଲକଗୁଡ଼ିକ ଏହିପରି କାର୍ଯ୍ୟ କରିବାକୁ ସର୍ବସମ୍ମତ ମତ ପ୍ରକାଶ ପାଇଥିଲା । ସବୁ ବାକିଥିବା ବ୍ଲକଗୁଡ଼ିକ ଆସନ୍ତା ୧୦ ଦିନ ଭିତରେ ଉପଯୋଗ ପ୍ରମାଣପତ୍ର ପ୍ରଦାନ କରିବାକୁ ଜିଲ୍ଲାପାଳ ଶ୍ରୀ କଲ୍ୟାଣ ନିର୍ଦ୍ଦେଶ ଦେଇଛନ୍ତି । ଗୋପବନ୍ଧୁ ଗ୍ରାମୀଣ ଯୋଜନାର ବ୍ଲକ କାର୍ଯ୍ୟାଳୟଗୁଡ଼ିକରେ ଫ୍ଲେକ୍ସ ପ୍ରଦର୍ଶନ କରିବାକୁ ଜିଲ୍ଲାପାଳ କହିଥିଲେ । କରିଲେ ଲୋକମାନଙ୍କୁ ହାଇମାଷ୍ଟ ଲାଇଟ ଆଲୋକ ମଧ୍ୟ ଦେଖାଯାଇପାରିବ । ହାଇମାଷ୍ଟ ଲାଇଟ ଲଗାଇବା ପାଇଁ ପ୍ରସ୍ତାବ ଦେବା ପାଇଁ ବିଧାୟକ ଶ୍ରୀ ସାମଲ ନିର୍ଦ୍ଦେଶ ଦେଇଥିଲେ । ଚଳିତ ଆର୍ଥିକ ବର୍ଷରେ ସଡ଼କ ପ୍ରକଳ୍ପରେ ୬୫%, ବିଦ୍ୟୁତରେ ୩୦% ଏବଂ ପାଣିରେ ୫% ବିନିଯୋଗ କରାଯିବ ବୋଲି ବୈଠକ ନିଷ୍ପତ୍ତି ନିଆଯାଇଛି । ସମସ୍ତ ୮ ବ୍ଲକର ୨୦୯ ଗ୍ରାମପଞ୍ଚାୟତରେ ପ୍ରକଳ୍ପଗୁଡ଼ିକର ଆଉ ପଥର ଉପସ୍ଥାପନ ଏମିତି (୧, ୧୧) କରିଥିଲେ । ପଞ୍ଚାୟତ ମାଧ୍ୟମରେ ଶୌଚାଳୟ କରଣର ବିଲ୍ ଓ ଦାଗନମ୍ବର କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଆସନ୍ତା ଗାନ୍ଧୀ ଜୟନ୍ତୀ ପୂର୍ବରୁ ଜିଲ୍ଲାକୁ ମଲମୁକ୍ତ ଜିଲ୍ଲା ଭାବେ ଘୋଷଣା କରିବା ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଶେଷରେ ଜିଲ୍ଲାପାଳ ଶ୍ରୀ କଲ୍ୟାଣ ଜିଲ୍ଲାର ସମସ୍ତଙ୍କୁ ରଥଯାତ୍ରାର ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଥିଲେ ।

ବୈଠକ ଶେଷରେ ଉପନିର୍ଦ୍ଦେଶକ (ଯୋଜନା), ଶ୍ରୀ ସରୋଜ କୁମାର ସେଠୀ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

ହେମନ୍ତ କୁମାର ନାୟକ

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ
ଢେଙ୍କାନାଳ

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ
ତା. ୧୪/୭/୧୬